ଶ୍ରୀମତୀ ସୁଭା ରାଜ ଏବଂ ଅନ୍ୟଜଣେ

ବନାମ

ଶଙ୍କର ସର୍କାର୍ ଏବଂ ଅନ୍ୟଜଣେ

ଜୁଲାଇ 24,2007

[ଡକ୍ଟର ଅରିଜିତ ପଶାୟତ୍ ଏବଂ ଡି. କେ. ଜେନ୍ , ନ୍ୟାୟମୂର୍ତ୍ତିଦ୍ୱୟ]

*ଫୌଜଦାରୀ କାର୍ଯ୍ୟବିଧି ସଂହିତା, 1973- ଏହାର ଧାରା 402 ଏବଂ 482 ସହିତ ଧାରା 401 ର ଅନୁଯାୟୀ - ଅପରାଧିକ ପୁନଃରୀକ୍ଷଣ - ଅଭିଯୋଗ ଖାରଜ ହେବା ବିରୁଦ୍ଧରେ ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ଦ୍ୱିତୀୟ ପୁନଃରୀକ୍ଷଣ ଆବେଦନ - ଉଚ୍ଚ ନ୍ୟାୟାଳୟ ଙ୍କ ଦ୍ୱାରା ବିଚାର କରାଯାଇଥିବା ପୁନଃରୀକ୍ଷଣ ଆବେଦନ ଧାରା 482 ଅନୁଯାୟୀ ହେବ, ଏବଂ ପ୍ରକ୍ରିୟା ଜାରି କରିବା ପାଇଁ ନିର୍ଦ୍ଦେଶ - ଅଭିଯୁକ୍ତମାନଙ୍କ ଗୁହାରି ନ ଶୁଣି ଆଦେଶ ପାରିତ କରାଯାଇଛି - ଏହାର ସଠିକତା - ରାୟ ଦିଆଗଗଲା ଯେ : ଦ୍ୱିତୀୟ ପୁନଃରୀକ୍ଷଣକୁ ବାରଣ କରାଯାଇଛି - ଯଦିଓ ପ୍ରକ୍ରିୟା ଜାରି କରିବା ଏବଂ ଏହାକୁ ସଜ୍ଞାନକୁ ନେବା ସମୟରେ ଅଭିଯୁକ୍ତମାନଙ୍କ ଗୁହାରିକୁ ଶୁଣିବାରେ ଏଠାରେ ସେମାନଙ୍କର କୌଣସି ଅଧିକାର ନାହିଁ - କିନ୍ତୁ ପ୍ରଥମ ପୁନଃରୀକ୍ଷଣ ଅଦାଲତରେ ଅଭିଯୁକ୍ତମାନଙ୍କ ଗୁହାରିକୁ ଶୁଣିବା ଏବଂ ଅଭିଯୋଗକାରୀଙ୍କ ନିର୍ଦ୍ଦେଶରେ ଅଭିଯୁକ୍ତମାନଙ୍କ ନାମ କାରଣ ଶୀର୍ଷକରୁ ହଟାଇ ଦିଆଯାଇଥିବା ତଥ୍ୟକୁ ଦୃଷ୍ଟିରେ ରଖି, ଉଚ୍ଚ ନ୍ୟାୟାଳୟ ଅଭିଯୁକ୍ତମାନଙ୍କ ଗୁହାରିକୁ ଶୁଣିବା ଉଚିତ ଥିଲା - ମାମଲାଟି ଉଚ୍ଚ ନ୍ୟାୟାଳୟଙ୍କ ନିକଟକୁ ଫେରାଇଦିଆଗଲା ।*

**ଉତ୍ତରଦାତା ସଂଖ୍ୟା 1 ଆବେଦନକାରୀମାନଙ୍କ ବିରୋଧରେ ଅପରାଧିକ ଅଭିଯୋଗ ଦାଖଲ କରିଥିଲେ । ଦଣ୍ଡାଧିକାରୀ ଏହି ଅଭିଯୋଗକୁ ଖାରଜ କରିଦେଲେ । ଉତ୍ତରଦାତା ସଂଖ୍ୟା 1 ଅତିରିକ୍ତ ଜିଲ୍ଲା ଏବଂ ଦୌରା ବିଚାରପତିଙ୍କ ସମ୍ମୁଖରେ ପୁନଃରୀକ୍ଷଣ ଦାଖଲ କଲେ ଏବଂ ସେହି ପୁନଃରୀକ୍ଷଣକୁ ମଧ୍ୟ ଏଠାରେ ଖାରଜ କରିଦିଆଗଲା । ଏହାପରେ ସେ ଫୌଜଦାରୀ କାର୍ଯ୍ୟବିଧି ସଂହିତାର ଧାରା 402 ସହ 401 କୁ ଲାଗୁ କରି ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ଆଉ ଗୋଟିଏ ପୁନଃରୀକ୍ଷଣ ଆବେଦନ ଦାଖଲ କଲେ । ଉଚ୍ଚ ନ୍ୟାୟାଳୟ ଏହି ଆବେଦନକୁ ଫୌଜଦାରୀ କାର୍ଯ୍ୟବିଧି ସଂହିତାର ଧାରା 482 ଅନୁଯାୟୀ ବିଚାର କଲେଏବଂ ଆବେଦନକାରୀମାନଙ୍କ ବିରୋଧରେ ପ୍ରକ୍ରିୟା ଜାରି କରିବାକୁ ଦଣ୍ଡାଧିକାରୀଙ୍କୁ ନିର୍ଦ୍ଦେଶ ଦେଲେ ।**

**ଏହି ନ୍ୟାୟାଳୟରେ ଆବେଦନ କରି, ଆବେଦନକାରୀମାନେ ଯୁକ୍ତି ବାଢ଼ିଥିଲେ ଯେ ଉଚ୍ଚ ନ୍ୟାୟାଳୟ ଏହି ଆବେଦନକୁ ଭୁଲ ଭାବରେ ଧାରା 482 ଅଧୀନରେ ବିଚାର କରିଥିଲେ କାରଣ ଏହି ସମାନ ଆବେଦନକୁ ଧାରା 402 ସହ ଧାରା 401 ଅନୁଯାୟୀ ଦାଖଲ କରାଯାଇଥିଲା ; ଏବଂ ଆବେଦନକୁ ଅନୁମତି ଦେବା ପୂର୍ବରୁ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ସେମାନଙ୍କ ଗୁହାରିକୁ ଶୁଣାଯାଇନଥିଲା ।**

**ଉତ୍ତରଦାତା ସଂଖ୍ୟା 1 ଯୁକ୍ତି ଦର୍ଶାଇଥିଲେ ଯେ ପ୍ରକ୍ରିୟା ଜାରି କରିବା ପ୍ରସଙ୍ଗରେ ଅଭିଯୁକ୍ତମାନଙ୍କର ଗୁହାରି ଶୁଣିବାରେ ଏଠାରେ ସେମାନଙ୍କର କୌଣସି ଅଧିକାର ନାହିଁ ।**

**ମାମଲାଟିକୁ ଉଚ୍ଚ ନ୍ୟାୟାଳୟଙ୍କ ନିକଟକୁ ଫେରାଇ ଦେଇ ଆବେଦନଟିର ଫଇସଲା କରିବାରେ ଏହି ନ୍ୟାୟାଳୟ ରାୟ ଦେଲେ ଯେ :**

**1.ଏହି ମାମଲାଟି ଅପରାଧିକ ପୁନଃରୀକ୍ଷଣ କ୍ଷେତ୍ରାଧିକାର ଅଧୀନରେ ପଞ୍ଜୀକୃତ ହୋଇଥିଲା ଏବଂ ଫୌଜଦାରୀ କାର୍ଯ୍ୟବିଧି ସଂହିତାରେ ଥିବା ବାରଣକୁ ଦୃଷ୍ଟିରେ ରଖି ଦ୍ୱିତୀୟ ପୁନଃରୀକ୍ଷଣ ପୋଷଣୀୟ ନଥିଲା । କୌଣସି ପରିସ୍ଥିତିରେ, ଆଦେଶ ପାରିତ ହେବା ପୂର୍ବରୁ ଆବେଦନକାରୀମାନଙ୍କ ଗୁହାରିକୁ ଶୁଣା ଯାଇନଥିଲା ।**

**2.ଯଦିଓ ପ୍ରକ୍ରିୟା ଜାରି କରିବା ଏବଂ ଏହାକୁ ସଜ୍ଞାନକୁ ନେବା ସମୟରେ ଅଭିଯୁକ୍ତମାନଙ୍କର ଗୁହାରି ଶୁଣିବାରେ ସେମାନଙ୍କର ଏଠାରେ କୌଣସି ଅଧିକାର ନାହିଁ । କିନ୍ତୁ ପୁନଃରୀକ୍ଷଣ ଅଦାଲତଙ୍କ ସମ୍ମୁଖରେ ବର୍ତ୍ତମାନର ମାମଲାର ତଥ୍ୟରେ ଆବେଦନକାରୀମାନଙ୍କ ଗୁହାରିକୁ ଶୁଣାଯାଇଥିଲା । ଅଧିକନ୍ତୁ, କାରଣ ଶୀର୍ଷକରେ ସେମାନଙ୍କ ନାମ ସୂଚିତ କରାଯାଇଥିଲା, ଯେଉଁଗୁଡିକୁ ଉତ୍ତରଦାତା ସଂଖ୍ୟା 1 ଙ୍କ ଅନୁରୋଧ କ୍ରମେ ହଟାଇ ଦିଆଯାଇଥିଲା । ଏହି ସ୍ଥିତି ହେତୁ ଉଚ୍ଚ ନ୍ୟାୟାଳୟ ମାମଲାର ନିଷ୍ପତ୍ତି ନେବା ପୂର୍ବରୁ ଆବେଦନକାରୀମାନଙ୍କ ଗୁହାରି ଶୁଣିବା ଉଚିତ ଥିଲା ।**

ଅପରାଧିକ ଆବେଦନ ଅଧିକରିତା : ଅପରାଧିକ ଆବେଦନ ସଂଖ୍ୟା 927/2007 ।

ଅପରାଧିକ ପୁନଃରୀକ୍ଷଣ ସଂଖ୍ୟା 2203/2005 ରେ କଲିକତା ଉଚ୍ଚ ନ୍ୟାୟାଳୟଙ୍କର 12.01.2006 ତାରିଖର ରାୟ ଏବଂ ଆଦେଶରୁ ବର୍ତ୍ତମାନର ଏହି ଆବେଦନ ।

ଆବେଦନକାରୀମାନଙ୍କ ତରଫରୁ ଧ୍ରୁବ ମେହେତା, ରାଣା ଏସ୍. ବିଶ୍ୱାସ ଏବଂ ସରଳା ଚନ୍ଦ୍ର ।

ଉତ୍ତରଦାତାମାନଙ୍କ ତରଫରୁ ଡି. ତାରା ଚନ୍ଦ୍ର ଶର୍ମା, ନୀଲମ ଶର୍ମା, ଏଚ. କେ. ପୁରୀ, ଏସ. କେ. ପୁରୀ, ପ୍ରିୟା ପୁରୀ, ୟୁ. ବି. ବାନାର୍ଜୀ, ଭି. ଏମ. ଚୁହାନ ଏବଂ ଏସ. କେ. ଶର୍ମା ।

**ନ୍ୟାୟମୂର୍ତ୍ତି ଡକ୍ଟର ଅରିଜିତ ପଶାୟତଙ୍କ** ଦ୍ୱାରା ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଗଲା ।

1. ଅନୁମତି ପ୍ରଦାନ କରାଗଲା ।

2. ଫୌଜଦାରୀ କାର୍ଯ୍ୟବିଧି ସଂହିତା, 1973 (ସଂକ୍ଷେପରେ 'ସଂହିତା') ର ଧାରା 402 ସହିତ ଧାରା 401 ଅନୁଯାୟୀ ଆବେଦନକୁ ଅନୁମତି ଦେଇ, କଲିକତା ଉଚ୍ଚ ନ୍ୟାୟାଳୟଙ୍କର ଜଣେ ବିଦ୍ୱାନ ଏକକ ବିଚାରପତିଙ୍କ ଦ୍ୱାରା ପାରିତ ଆଦେଶକୁ ଏହି ଆବେଦନରେ ଆପତ୍ତି କରାଯାଇଛି ।

3. ଏହି ଆବେଦନର ସମର୍ଥନରେ ମୁଖ୍ୟ ଅଭିଯୋଗ ହେଉଛି ଯେ ବିଦ୍ୱାନ ବିଚାରପତିଙ୍କ ଦ୍ୱାରା ଆବେଦନକୁ ଅନୁମତି ଦେବା ପୂର୍ବରୁ ଆବେଦନକାରୀମାନଙ୍କୁ ସେମାନଙ୍କ ଗୁହାରି ଶୁଣିବାର ସୁଯୋଗ ଦିଆଯାଇନଥିଲା ।

4. ବାସ୍ତବ ତଥ୍ୟଗୁଡ଼ିକ ଉପରେ ଏକ ସଂକ୍ଷିପ୍ତ ସନ୍ଦର୍ଭ ଏଠାରେ ଯଥେଷ୍ଟ ହେବ ।ଆବେଦନକାରୀ ସଂଖ୍ୟା 1 ହେଉଛନ୍ତି ଆବେଦନକାରୀ ସଂଖ୍ୟା 2 ଙ୍କ ପତ୍ନୀ, ଯିଏ ପେଶାରେ ଜଣେ ଡାକ୍ତର । ଉତ୍ତରଦାତା ସଂଖ୍ୟା 1 ଭାରତୀୟ ଦଣ୍ଡ ସଂହିତା, 1860 (ସଂକ୍ଷେପରେ 'IPC') ର ଧାରା 120B ସହ ଧାରା 323,342,382,386 ଅନୁଯାୟୀ ଦଣ୍ଡନୀୟ ଅପରାଧ ଘଟିଥିବା ଆରୋପ କରି ଏକ ଅଭିଯୋଗ ଦାଖଲ କରିଥିଲେ ।ବିଦ୍ୱାନ ଦଣ୍ଡାଧିକାରୀ ଅଭିଯୋଗକାରୀ ଏବଂ ଅନ୍ୟମାନେ ଦୁଇଜଣଙ୍କ ବିବୃତ୍ତି ରେକର୍ଡ କରିବା ପରେ ଅଭିଯୋଗକୁ ଖାରଜ କରିଦେଇଥିଲେ। ବିଦ୍ୱାନ ଦଣ୍ଡାଧିକାରୀଙ୍କ ଦ୍ୱାରା ପାରିତ ଆଦେଶର ସଠିକତା ଉପରେ ପ୍ରଶ୍ନ ଉଠାଇ, ଦକ୍ଷିଣ 24-ପ୍ରଗଣାର ଆଲିପୁର ସ୍ଥିତ ବିଦ୍ୱାନ ପଞ୍ଚମ ପ୍ରଥମ ତ୍ୱରିତ ଅଦାଲତର ଅତିରିକ୍ତ ଜିଲ୍ଲା ଦୌରା ବିଚାରପତିଙ୍କ ସମ୍ମୁଖରେ ପୁନଃରୀକ୍ଷଣ ପାଇଁ ଏକ ଆବେଦନ ଦାଖଲ କରାଗଲା । ଏଠାରେ ପୁନଃରୀକ୍ଷଣ ଆବେଦନକାରୀ - ଉତ୍ତରଦାତା ସଂଖ୍ୟା 1ଙ୍କ ଗୁହାରି ଶୁଣିବା ପରେ ଉକ୍ତ ପୁନଃରୀକ୍ଷଣ ଆବେଦନକୁ ଖାରଜ କରିଦିଆଯାଇଥିଲା ।

5. ଯଦିଓ ତାହା ସଂହିତାର ଧାରା 402 ସହିତ ଧାରା 401 ଏବଂ ଧାରା 402 ଅନୁଯାୟୀ ଦାଖଲ କରାଯାଇଥିଲା, କିନ୍ତୁ ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ଏହି ପୁନଃରୀକ୍ଷଣ ପାଇଁ ଆବେଦନ, ସଂହିତାର ଧାରା 482 ଅନୁଯାୟୀ ବୋଲି ବିବେଚନା କରାଗଲା । ଉଚ୍ଚ ନ୍ୟାୟାଳୟ ଏହି ଆବେଦନକୁ ଅନୁମତି ଦେଇଥିଲେ ଏବଂ ଆବେଦନକାରୀମାନଙ୍କ ବିରୋଧରେ ପ୍ରକ୍ରିୟା ଜାରି କରିବାକୁ ଦଣ୍ଡାଧିକାରୀଙ୍କୁ ନିର୍ଦ୍ଦେଶ ଦେଲେ ।

6. ଆବେଦନକାରୀମାନଙ୍କ ପାଇଁ ବିଦ୍ୱାନ ଅଧିବକ୍ତା ଦାଖଲ କରିଥିଲେ ଯେ ପୁନଃରୀକ୍ଷଣ ଅଦାଲତରେ ଆବେଦନକାରୀମାନଙ୍କ ଗୁହାରିକୁ ଶୁଣାଯାଇଥିଲା । ବର୍ତ୍ତମାନର ଆବେଦନରେ ପ୍ରାରମ୍ଭରେ ଆବେଦନକାରୀମାନଙ୍କୁ ପକ୍ଷଭୁକ୍ତ କରାଯାଇଥିଲା କିନ୍ତୁ ଉତ୍ତରଦାତା ସଂଖ୍ୟା 1 ଙ୍କ ଅନୁରୋଧ କ୍ରମେ ସେମାନଙ୍କ ନାମ ହଟାଇ ଦିଆଯାଇଥିଲା । ଆବେଦନକାରୀମାନଙ୍କ ପାଇଁ ବିଦ୍ୱାନ ଅଧିବକ୍ତା ଆହୁରି ଦର୍ଶାଇଛନ୍ତି ଯେ ଯଦିଓ ଉତ୍ତରଦାତା ସଂଖ୍ୟା 1 ନିଜେ ଏହି ଆବେଦନକୁ ସଂହିତାର ଧାରା 402 ସହିତ ଧାରା 401 ଅନୁଯାୟୀ ଦାଖଲ କରିଥିଲେ, ଉଚ୍ଚ ନ୍ୟାୟାଳୟ ଭୁଲ ଭାବରେ ଏହାକୁ ସଂହିତାର ଧାରା 482 ଅନୁଯାୟୀ ଏକ ଆବେଦନ ବୋଲି ବିବେଚନା କରିଥିଲେ । କାରଣ ଶୀର୍ଷକରୁ ଏହ ସ୍ପଷ୍ଟ ଯେ ଏହି ମାମଲା ଅପରାଧିକ ପୁନଃରୀକ୍ଷଣ କ୍ଷେତ୍ରାଧିକାର ଅନୁଯାୟୀ ଏକ ମାମଲା ଭାବେ ପଞ୍ଜୀକୃତ ହୋଇଥିଲା ଏବଂ ସଂହିତାରେ ଥିବା ବାରଣକୁ ଦୃଷ୍ଟିରେ ରଖି ଦ୍ୱିତୀୟ ପୁନଃରୀକ୍ଷଣ ପୋଷଣୀୟ ନଥିଲା । କୌଣସି ପରିସ୍ଥିତିରେ, ଆଦେଶ ପାରିତ ହେବା ପୂର୍ବରୁ ଆବେଦନକାରୀମାନଙ୍କ ଗୁହାରିକୁ ଶୁଣା ଯାଇନଥିଲା ।

7. ଉତ୍ତରଦାତା ସଂଖ୍ୟା 1 ଦାଖଲ କରିଥିଲେ ଯେ ପ୍ରକ୍ରିୟା ଜାରି କରିବା ପ୍ରସଙ୍ଗରେ ଅଭିଯୁକ୍ତମାନଙ୍କର ଗୁହାରି ଶୁଣିବାରେ ଏଠାରେ ସେମାନଙ୍କର କୌଣସି ଅଧିକାର ନାହିଁ ।

୫. ଏହି ପ୍ରସ୍ତାବ ସହିତ କୌଣସି ବିବାଦ ହୋଇପାରିବ ନାହିଁ ଯେ ପ୍ରକ୍ରିୟା ଜାରି କରିବା ଏବଂ ଏହାକୁ ସଜ୍ଞାନକୁ ନେବା ସମୟରେ ଅଭିଯୁକ୍ତମାନଙ୍କର ଗୁହାରିକୁ ଶୁଣିବାରେ ସେମାନଙ୍କର ଏଠାରେ କୌଣସି ଅଧିକାର ନାହିଁ ।କିନ୍ତୁ ପୁନଃରୀକ୍ଷଣ ଅଦାଲତଙ୍କ ସମ୍ମୁଖରେ ବର୍ତ୍ତମାନର ମାମଲାର ତଥ୍ୟରେ ଆବେଦନକାରୀମାନଙ୍କ ଗୁହାରି ଶୁଣା ଯାଇଥିଲା । ଅଧିକନ୍ତୁ, କାରଣ ଶୀର୍ଷକରେ ସେମାନଙ୍କ ନାମ ସୂଚିତ କରାଯାଇଥିଲା, ଯେଉଁଗୁଡିକୁ ଉତ୍ତରଦାତା ସଂଖ୍ୟା 1 ଙ୍କ ଅନୁରୋଧ କ୍ରମେ ହଟାଇ ଦିଆଯାଇଥିଲା ।

9. ଉପରିସ୍ଥ ସ୍ଥିତି ହେତୁ ଉଚ୍ଚ ନ୍ୟାୟାଳୟ ମାମଲାର ନିଷ୍ପତ୍ତି ନେବା ପୂର୍ବରୁ ଆବେଦନକାରୀମାନଙ୍କ ଗୁହାରି ଶୁଣିବା ଉଚିତ ଥିଲା । ତେଣୁ, ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ମାମଲାର ଗୁଣବତ୍ତା ଏବଂ ଆବେଦନର ପୋଷଣୀୟତା ଉପରେ କୌଣସି ମତ ପ୍ରକାଶ ନକରି, ଆମେ ଆକ୍ଷେପିତ ଆଦେଶକୁ ବାତିଲ କରୁଛୁ ଏବଂ ଆଇନ ଅନୁଯାୟୀ ନୂତନ ଫଇସଲା ପାଇଁ ମାମଲାଟିକୁ ଉଚ୍ଚ ନ୍ୟାୟାଳୟଙ୍କ ନିକଟକୁ ଫେରାଇ ଦେଉଛୁ ।

10. ତଦନୁସାରେ ଆବେଦନଟିର ଫଇସଲା କରାଗଲା ।

କେ. କେ. ଟି. ଆବେଦନକୁ ଫଇସଲା କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***
ତୁଷାର କାନ୍ତ ଗୋଛି
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।